



# ୧୫

# ଉଚ୍ଚ ନ୍ୟାୟାଳୟ ଓ ଅଧସ୍ତନ ନ୍ୟାୟାଳୟ

ଭାରତର ସର୍ବୋଚ୍ଚ ନ୍ୟାୟାଳୟର ଭୂମିକା ବିଷୟରେ ତୁମେ ପଢ଼ିସାରିଛ । ଉଚ୍ଚତମ ନ୍ୟାୟାଳୟର ଠିକ୍ ନିମ୍ନ ସ୍ତରରେ ଉଚ୍ଚ ନ୍ୟାୟାଳୟ ଅବସ୍ଥିତ ଯାହାକି ରାଜ୍ୟରେ ସର୍ବୋଚ୍ଚ ନ୍ୟାୟାଳୟ ଅଟେ । ଉଚ୍ଚ ନ୍ୟାୟାଳୟ ଗୁଡିକ ଭାରତୀୟ ନ୍ୟାୟପାଳିକାର ଏକ ଅଂଶ ବିଶେଷ ଓ ଏହା ଉଚ୍ଚତମ ନ୍ୟାୟାଳୟର ତତ୍ତ୍ୱାବଧାନ ଓ ନିୟନ୍ତ୍ରଣ ଅନୁଯାୟୀ କାର୍ଯ୍ୟ କରିଥାଏ । ଉଚ୍ଚ ନ୍ୟାୟାଳୟ ଗୁଡିକ ମୁଖ୍ୟତଃ ଅପିଲ ବା ଆବେଦନ ଅଦାଲତ ଭାବେ ପରିଚିତ । ଏହି ନ୍ୟାୟାଳୟ ଗୁଡ଼ିକ ଜିଲ୍ଲା ସ୍ତରରେ କାର୍ଯ୍ୟରତ ବିଭିନ୍ନ ଅଧସ୍ତନ ଅଦାଲତମାନଙ୍କ ଠାରୁ ଆବେଦନ ଶୁଣାଣି କରି ପାରିବେ । ଅଧସ୍ତନ ଅଦାଲତ ଗୁଡ଼ିକର ବିଚାରପତିମାନଙ୍କୁ ନିଯୁକ୍ତି, ସେମାନଙ୍କର ଯୋଗ୍ୟତା ଓ କାର୍ଯ୍ୟ ଆଦି ଉଚ୍ଚ ନ୍ୟାୟାଳୟର ପ୍ରତ୍ୟକ୍ଷ ନିୟନ୍ତ୍ରଣ ଓ ତତ୍ତ୍ୱାବଧାନ ଅନୁଯାୟୀ ହୋଇଥାଏ । ଏହି ପାଠକ୍ରମରେ ତୁମେ ରାଜ୍ୟ ଉଚ୍ଚ ନ୍ୟାୟାଳୟ ଗୁଡ଼ିକ ବିଷୟରେ ପଢ଼ିବ । ଏଥି ସହିତ ତୁମକୁ ମଧ ଅଧସ୍ତନ ନ୍ୟାୟାଳୟ ଯଥା ଜିଲ୍ଲା ଓ ଦୌରା କୋର୍ଟ ସମ୍ପର୍କରେ ସମ୍ୟକ୍ ଧାରଣା ଦିଆଯିବ ।

## ଉଦ୍ଦେଶ୍ୟ

ଏହି ପାଠକ୍ରମଟି ପଢ଼ିଲା ପରେ ତୁମେସବୁ

- ଉଚ୍ଚ ନ୍ୟାୟାଳୟର ଗଠନ ଓ ସଂରଚନା ବର୍ଣ୍ଣନା କରିପାରିବ;
- ଉଚ୍ଚ ନ୍ୟାୟାଳୟର କ୍ଷମତା ଓ ପରିସର ବୁଝାଇ ପାରିବ;
- ମୌଳିକ ଅଧିକାର ଗୁଡିକର ସୁରକ୍ଷା କ୍ଷେତ୍ରରେ ଉଚ୍ଚ ନ୍ୟାୟାଳୟର ଭୂମିକା ବିଷୟରେ ଅବଗତ ହୋଇ ପାରିବ;
- ତଳ କୋର୍ଟ ବା ଅଧସ୍ତନ ନ୍ୟାୟାଳୟର କାର୍ଯ୍ୟବଳୀ ବୁଝାଇ ପାରିବ ।

## ୧୫.୧. ରାଜ୍ୟ ଉଚ୍ଚ ନ୍ୟାୟାଳୟ

ବର୍ତ୍ତମାନ ସୁଦ୍ଧା ୨୮ଟି ରାଜ୍ୟ ଓ ୭ଟି କେନ୍ଦ୍ର ଶାସିତ ଅଂଚଳ ପାଇଁ ୨୧ଗୋଟି ଉଚ୍ଚ ନ୍ୟାୟାଳୟ ରହିଛି । ଯଦିଓ ଉଚ୍ଚ ନ୍ୟାୟାଳୟ ରାଜ୍ୟର ସର୍ବୋଚ୍ଚ ଅଦାଲତ ଅଟେ ଆମର ସୁସଂହତ ନ୍ୟାୟିକ ବ୍ୟବସ୍ଥାର ଅଂଶ ବିଶେଷ ହେତୁ ଏହା ଉଚ୍ଚତମ ନ୍ୟାୟାଳୟର ତତ୍ତ୍ୱାବଧାନ, ନିର୍ଦ୍ଦେଶ ଓ ନିୟନ୍ତ୍ରଣ ଅନୁଯାୟୀ କାର୍ଯ୍ୟ କରେ ।

### ୧୫.୧.୧ ଗଠନ

ଭାରତରେ ପ୍ରତ୍ୟକ ରାଜ୍ୟ ପାଇଁ ଗୋଟିଏ ଉଚ୍ଚ ନ୍ୟାୟାଳୟ ଅଛି । କିନ୍ତୁ କେତେକ କ୍ଷେତ୍ରରେ ଦୁଇ ବା ଦୁଇରୁ ଅଧିକ ରାଜ୍ୟ ପାଇଁ ଗୋଟିଏ ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠା କରାଯାଇ ପାରିବ । ଉଦାହରଣ ସ୍ୱରୂପ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ରେ ଥିବା ଉଚ୍ଚ ନ୍ୟାୟାଳୟ ଉଭୟ ପଞ୍ଜାବ ଓ ହରିୟାନା ରାଜ୍ୟପାଇଁ କାର୍ଯ୍ୟ





କରୁଛି । ସେହିପରି ସାତଗୋଟି ଉତ୍ତର ପୂର୍ବାଂଚଳ ରାଜ୍ୟ ପାଇଁ ଯଥା, ଆସାମ, ନାଗାଲାଣ୍ଡ, ମଣିପୁର, ମେଘାଳୟ, ମିଜୋରାମ, ତ୍ରିପୁରା ଓ ଅରୁଣାଞ୍ଚଳ ପ୍ରଦେଶ ପାଇଁ ଗୌହାଟୀ ଉଚ୍ଚ ନ୍ୟାୟାଳୟ କାର୍ଯ୍ୟ କରୁଛି ଦିଲ୍ଲୀ ଏକ ରାଜ୍ୟ ନହେଲେ ମଧ ସେଠାରେ ଏକ ପୃଥକ୍ ଉଚ୍ଚ ନ୍ୟାୟାଳୟ ରହିଛି । ପ୍ରତ୍ୟକ ଉଚ୍ଚ ନ୍ୟାୟାଳୟରେ ଜଣେ ମୁଖ୍ୟ ବିଚାରପତି ଓ କିଛି ଅନ୍ୟ ବିଚାରପତି ଥାଆନ୍ତି । ବିଚାରପତିମାନଙ୍କ ସଂଖ୍ୟା ପ୍ରତ୍ୟକ ରାଜ୍ୟରେ ଭିନ୍ନ ଭିନ୍ନ ଅଟେ । ଉଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କ ସଂଖ୍ୟା ରାଷ୍ଟ୍ରପତି ସ୍ଥିର କରନ୍ତି ।

ଉଚ୍ଚ ନ୍ୟାୟାଳୟର ବିଚାରପତିମାନେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ପାଇ ଥାଆନ୍ତି । ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କୁ ନିଯୁକ୍ତି ଦେଲାବେଳେ ରାଷ୍ଟ୍ରପତିଙ୍କୁ ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ସେହି ରାଜ୍ୟରେ ରାଜ୍ୟପାଳଙ୍କ ସହିତ ପରାମର୍ଶ କରିବାକୁ ପଡେ । କିନ୍ତୁ ଅନ୍ୟ ବିଚାରପତିମାନଙ୍କ ନିଯୁକ୍ତି ବେଳେ ରାଷ୍ଟ୍ରପତି ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି, ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ରାଜ୍ୟପାଳଙ୍କୁ ପରାମର୍ଶ କରନ୍ତି । ରାଷ୍ଟ୍ରପତି ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରି ଉଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କୁ ଗୋଟିଏ ଉଚ୍ଚନ୍ୟାୟାଳୟରୁ ଅନ୍ୟ ଏକ ଉଚ୍ଚ ନ୍ୟାୟାଳୟକୁ ବଦଳି କରିଥାଆନ୍ତି । ୧୯୯୩ର ଉଚ୍ଚତମ ନ୍ୟାୟାଳୟର ଆଦେଶ (ଯାହା ୧୯୯୯ ମସିହାରେ ପୁନଃ ବ୍ୟାଖ୍ୟା କରାଯାଇଥିଲା) ଅନୁଯାୟୀ ଉଚ୍ଚ ନ୍ୟାୟାଳୟର ବିଚାରପତିମାନେ ବାସ୍ତବରେ ଉଚ୍ଚତମ ନ୍ୟାୟାଳୟର ବରିଷ୍ଠ ବିଚାର ପତିମାନଙ୍କ ଦ୍ୱାରା ସଂଗଠିତ 'ବିଚାରପତି ମଣ୍ଡଳୀ' ଦ୍ୱାରା ଚୟନ ହୋଇଥାଆନ୍ତି । ବିଚାରପତି ମଣ୍ଡଳୀର ସୁପାରିଶ ଅନୁସାରେ ଉଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କୁ ରାଷ୍ଟ୍ରପତି ନିଯୁକ୍ତ କରିବାପାଇଁ ବାଧ ଅଟନ୍ତି ।

## ୧୫.୧.୨ ବିଚାରପତିମାନଙ୍କ ଯୋଗ୍ୟତା, କାର୍ଯ୍ୟକାଳ ଓ ବହିଷ୍କାର

ଉଚ୍ଚ ନ୍ୟାୟାଳୟର ବିଚାରପତି ହେବାପାଇଁ ଜଣେ ବ୍ୟକ୍ତିର ନିମ୍ନୋକ୍ତ ଯୋଗ୍ୟତା ଥିବା ଆବଶ୍ୟକ :

(i) ସେ ଭରତୀୟ ନାଗରିକ ହୋଇଥିବେ ।

(ii) ସେ ଭାରତର ଯେ କୌଣସି ସ୍ଥାନରେ ଅନ୍ତତଃ ଦଶ ବର୍ଷ ବିଚାରପତି ରୂପେ କାର୍ଯ୍ୟ କରିଥିବେ ।

କିମ୍ବା, ସେ ଭାରତର ଏକ ବା ଏକାଧିକ ଉଚ୍ଚ ନ୍ୟାୟାଳୟରେ ଅନ୍ତତଃ ଦଶ ବର୍ଷ ଓକିଲାତି କରିଥିବେ ।

ଥରେ ନିଯୁକ୍ତି ପାଇଲେ ଉଚ୍ଚ ନ୍ୟାୟାଳୟର ବିଚାରପତିମାନେ ୬୨ ବର୍ଷ ବୟସ ପର୍ଯ୍ୟନ୍ତ ପଦରେ ରୁହନ୍ତି । ଅବସର ଗ୍ରହଣ ପରେ ସେମାନେ ଉଚ୍ଚତମ ନ୍ୟାୟାଳୟର ବିଚାରପତି ଭାବେ ନିଯୁକ୍ତି ପାଇ ପାରିବେ କିମ୍ବା ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟମାନଙ୍କରେ (ଯେଉଁଠି ସେମାନେ ପୂର୍ବରୁ କାର୍ଯ୍ୟ କରିନଥିବେ) ଓକିଲାତି କରିପାରିବେ ।

ପ୍ରାମାଣିତ ଅସାଦାଚରଣ ବା ଅପାରଗତା ଆଧାରରେ ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କୁ ୬୨ ବର୍ଷ ନପୂରୁଣୁ ବହିଷ୍କାର କରାଯାଇ ପାରିବ । ଏପରି ଏକ ମହାଭିଯୋଗ ପ୍ରସ୍ତାବ ସଂସଦର ଉଭୟ ଗୃହର ମୋଟ ସଭ୍ୟ ସଂଖ୍ୟାର ଅର୍ଦ୍ଧାଧିକ ଓ ଉପସ୍ଥିତ ଥିବା ଦ୍ୱି-ତୃତୀୟାଂଶ ସଭ୍ୟଙ୍କ ସମର୍ଥନରେ ଗୃହୀତ ହୋଇ ଯଦି ରାଷ୍ଟ୍ରପତିଙ୍କ ପାଖକୁ ପଠାଯାଏ ତେତେ ରାଷ୍ଟ୍ରପତି ସେ ବିଚାରପତିଙ୍କୁ ବହିଷ୍କାର କରିପାରିବେ । ଉଚ୍ଚନ୍ୟାୟଳୟର ବିଚାରପତିମାନଙ୍କ ବହିଷ୍କାର ପଦ୍ଧତି ଉଚ୍ଚତମ ନ୍ୟାୟାଳୟର ବିଚାରପତିଙ୍କ ବିହିଷ୍କାର ପଦ୍ଧତି ସହିତ ସମାନ ।

## ବିଷୟ ଭିତ୍ତିକ ପ୍ରାଶ୍ନାବଳୀ ୧୫.୧

**ଶୂନ୍ୟସ୍ଥାନ ପୂରଣ କର :**

(i) ବର୍ତ୍ତମାନ ସୁଦ୍ଧା ଭାରତରେ__________ ଗୋଟି ଉଚ୍ଚ ନ୍ୟାୟାଳୟ ରହିଛି । (୧୮,୨୦, ୨୧)

(ii) __________ କେନ୍ଦ୍ର ଶାସିତ ଅଞ୍ଚଳଟିର ନିଜସ୍ୱ ଏକ ପୃଥକ୍ ଉଚ୍ଚ ନ୍ୟାୟାଳୟ ରହିଛି ।
(ଡାମନ ଓ ଡିଉ, ଚଣ୍ଡିଗଡ଼ , ଦିଲ୍ଲୀ)





(iii) ଉଚ୍ଚ ନ୍ୟାୟାଳୟର ବିଚାରପତିମାନେ ________ ଦ୍ୱାରା ନିଯୁକ୍ତି ପାଇଥାଆନ୍ତି ।
(ରାଜ୍ୟପାଳ, ରାଷ୍ଟ୍ରପତି, ପ୍ରଧାନ ମନ୍ତ୍ରୀ)

(iv) ଉଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କ ଅବସର ବୟସ ସୀମା ________ ବର୍ଷ ଅଟେ ।
(୬୦,୬୨,୬୫)

## ୧୫.୨. ଉଚ୍ଚ ନ୍ୟାୟାଳୟର କ୍ଷମତା ଓ ପରିସର

ଉଚ୍ଚ ନ୍ୟାୟାଳୟକୁ ସିଧା ସଳଖ ଆସୁଥିବା ମାମଲା ଗୁଡିକର ଶୁଣାଣି କରି ବିଚାର କରିବାର କ୍ଷମତା ଏହାର ରହିଛି । ଏହି କ୍ଷମତାକୁ ଉଚ୍ଚ ନ୍ୟାୟାଳୟର ମୌଳିକ କ୍ଷମତା ବୋଲି କୁହାଯାଏ । ଯେତେବେଳେ ଉଚ୍ଚ ନ୍ୟାୟାଳୟ କୌଣସି ଅଧସ୍ତନ ନ୍ୟାୟାଳୟ ବିରୁଦ୍ଧରେ ଆବେଦନର ଶୁଣାଣି କରେ, ଏହାକୁ ଆବେଦନ ମୂଳକ କ୍ଷମତା ବୋଲି କୁହାଯାଏ । ପ୍ରାୟତଃ ଉଚ୍ଚ ନ୍ୟାୟାଳୟକୁ ଆବେଦନ କୋର୍ଟ ବୋଲି ଗଣାଯାଏ । ଅଧସ୍ତନ ନ୍ୟାୟାଳୟର ରାୟ ବିରୁଦ୍ଧରେ ବିଭିନ୍ନ ଦେୱାନୀ ଓ ଫୌଜଦାରୀ ମାମଲା ଉଚ୍ଚ ନ୍ୟାୟଳୟରେ ଆବେଦନ କରାଯାଏ ।


### ୧୫.୨.୧ ମୌଳିକ କ୍ଷମତା :

ଉଚ୍ଚ ନ୍ୟାୟାଳୟର ମୌଳିକ କ୍ଷମତା ସଂକୁଚିତ ଅଟେ । ମୌଳିକ ଅଧିକାର କ୍ଷୁର୍ଣ୍ଣ ଜନିତ ମକଦ୍ଦମା ସବୁ ବିଚାର ପାଇଁ ପ୍ରଥମେ ଉଚ୍ଚ ନ୍ୟାୟାଳୟ କିମ୍ବା ଉଚ୍ଚତମ ନ୍ୟାୟାଳୟକୁ ଆଣାଯାଇ ପାରିବ । ଜନସାଧାରଣଙ୍କ ମୌଳିକ ଅଧିକାର ସୁରକ୍ଷା ପାଇଁ ନିଜ କ୍ଷମତା ବଳରେ ଉଚ୍ଚ ନ୍ୟାୟାଳୟ ଆଦେଶ ଜାରି କରିପାରିବେ । ତୁମର ମନେଥିବ ଯେ ଏହି ଆଦେଶ ଗୁଡ଼ିକୁ ହୁକୁମନାମା ବୋଲି କୁହାଯାଏ ।

ହୁକୁମନାମା ଜାରି କରିବାର କ୍ଷମତା : ମୌଳିକ ଅଧିକାର ଖଣ୍ଡରେ ଥିବା ସ୍ୱାମ୍ବିଧାନିକ ପ୍ରତିକାର ଅଧିକାର ଭାଗରେ ତୁମେ ପୂର୍ବରୁ ପଢ଼ିଛ ଯେ ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟ ହୁକମନାମା ଜାରିକରି ନିଶ୍ଚିତ କରନ୍ତି ଯେ ରାଷ୍ଟ୍ର ଦ୍ୱାରା ବା ଅନ୍ୟ କୌଣସି ଉପାୟରେ ଜନତାଙ୍କଠାରୁ ଅଧିକାର ଗୁଡ଼ିକ ଯେପରି ଛଡ଼ାଇ ନ ନିଆଯାଇ ପାରେ । ସମ୍ବିଧାନ ଅନୁଯାୟୀ ଉଚ୍ଚ ନ୍ୟାୟାଳୟମାନେ ହିଁ କିଛି ହୁକୁମନାମା ଜାରି କରିପାରିବେ । ଏହି ହୁକୁମନାମା ଗୁଡ଼ିକ ରାଜ୍ୟ ମଧରେ ଥିବା ସରକାର ଓ ବିଭିନ୍ନ ଅଧିକାରୀ ମାନିବାକୁ ବାଧ ଏ କ୍ଷେତ୍ରରେ ଉଚ୍ଚନ୍ୟାୟାଳୟ ବନ୍ଦୀ ପ୍ରତ୍ୟକ୍ଷୀକରଣ, ପରମାଦେଶ, ପ୍ରତିଷେଧ, ଉତ୍ପ୍ରେକ୍ଷଣ, ଓ ଅଧିକାର ପୃଚ୍ଛା (ଭାଗ ୬ରେ ବର୍ଣ୍ଣିତ) ହୁକୁମନାମା ଜାରିକରି ମୌଳିକ ଅଧିକାର ସୁରକ୍ଷା କରିଥାଆନ୍ତି । ଏହି କ୍ଷମତା ଉଚ୍ଚ ନ୍ୟାୟାଳୟର ମୌଳିକ କ୍ଷମତା ପରିସର ମଧରେ ରହିଥାଏ ଓ ଏହା ଉଚ୍ଚତମ ନ୍ୟାୟାଳୟର ଅନୁରୂପ କ୍ଷମତା ଠାରୁ ନିକୃଷ୍ଟ ନୁହେଁ ।

ସଂସଦ ବା ରାଜ୍ୟ ବିଧାନ ସଭା ନିର୍ବାଚନ ସମ୍ବନ୍ଧୀୟ ମକଦ୍ଦମା ସିଧା ସଳଖ ଉଚ୍ଚ ନ୍ୟାୟାଳୟରେ ଦାୟର କରାଯାଇ ପାରିବ । ଏ ସଂକ୍ରାନ୍ତରେ ଉଚ୍ଚ ନ୍ୟାୟଳୟ ଜଣେ ନିର୍ବାଚିତ ସଦସ୍ୟର ସଭ୍ୟ ପଦ ରଦ୍ଦ କରିପାରିବେ । ଯଦି ସେ ନିର୍ବାଚନରେ ଅବୈଧ ଉପାୟ ଅବଲମ୍ବନ କରିଛନ୍ତି ବୋଲି ପ୍ରମାଣିତ ହୁଏ । ରାଜ୍ୟରେ ଥିବା ସମସ୍ତ ଅଧସ୍ତନ ଅଦାଲତ ଉଚ୍ଚ ନ୍ୟାୟାଳୟର ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ କାର୍ଯ୍ୟ କରନ୍ତି ।

ଅଧସ୍ତନ ନ୍ୟାୟାଳୟ ଗୁଡ଼ିକର ରାୟ ବିରୁଦ୍ଧରେ ଉଚ୍ଚ ନ୍ୟାୟାଜୟ ଆବେଦନଗୁଡ଼ିକର ଶୁଣାଣି କରିଥାନ୍ତି । ଦେୱାନୀ ମକଦ୍ଦମା କ୍ଷେତ୍ରରେ ଉଚ୍ଚତମ ନ୍ୟାୟାଳୟର ଆବେଦନ ମୂଳକ କ୍ଷମତା ପାଞ୍ଚଲକ୍ଷରୁ ଉର୍ଦ୍ଧ୍ୱ ରାଶିର ମାମଲା ସହିତ ବ୍ୟାପିଥାଏ । ଜିଲ୍ଲା କୋର୍ଟ ରାୟ ବିରୁଦ୍ଧରେ ଦେୱାନୀ ସଂକ୍ରାନ୍ତ ମାମଲାରେ





ଜଣେ ଚାହିଁଲେ ଉଚ୍ଚନ୍ୟାୟାଳୟରେ ଆବେଦନ କରିପାରିବେ । ଏହା ମଧ୍ୟ ପ୍ରଜାସ୍ୱତ୍ତ୍ୱ, ଉତ୍ତରାଧିକାରୀ, ଦେବାଳିଆ ଓ ଅଭିଭାବକ ସମ୍ବନ୍ଧୀୟ ମାମଲାଗୁଡ଼ିକ ବିଚାର କରିଥାଏ ।

ସେହିପରି ଫୌଜଦାରୀ ମାମଲା କ୍ଷେତ୍ରରେ ଉଚ୍ଚନ୍ୟାୟାଳୟ ଦୌରାକୋର୍ଟ ଗୁଡ଼ିକର ରାୟ ବିରୁଦ୍ଧରେ ଶୁଣାଣି କରନ୍ତି । ଜଣେ ଅପରାଧୀ ଯାହାକୁ ଦୌରାକୋର୍ଟ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ବିଧାନ କରିଥିବେ, ସେ ଚାହିଁଲେ କୋର୍ଟର ରାୟ ବିରୁଦ୍ଧରେ ଆବେଦନ କରିପାରିବେ । କେତେକ କ୍ଷେତ୍ରରେ ରାଷ୍ଟ୍ର ଚାହିଁଲେ ଦଣ୍ଡ ପରିମାଣ ବୃଦ୍ଧି କରିବା ପାଇଁ ଦୌରାକୋର୍ଟ ରାୟ ବିରୁଦ୍ଧରେ ମଧ୍ୟ ଆବେଦନ କରିପାରିବ । ଉଚ୍ଚନ୍ୟାୟାଳୟ ଚାହିଁଲେ ଦୌରାକୋର୍ଟର ରାୟକୁ ଗ୍ରହଣ କରିପାରେ ଅଥବା ଏହାକୁ ପରିବର୍ତ୍ତନ ଯଥା , ଦଣ୍ଡ ପରିମାଣ କମାଇବା ବା ବଢ଼ାଇବା, ଦଣ୍ଡ ବିଧାନର ପ୍ରକୃତି ପରିବର୍ତ୍ତନ, କିମ୍ବା ଦୋଷୀକୁ ନିର୍ଦ୍ଦୋଷରେ ଖଲାସ କରିବା ଇତ୍ୟାଦି କରିପାରେ । କିନ୍ତୁ ଯଦି ଜଣେ ଅପରାଧୀ ଦୌରାକୋର୍ଟ ଦ୍ୱାରା ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଥାଏ, ଦୋଷୀକୁ ଫାଶୀ ଦେବା ପୂର୍ବରୁ ଉଚ୍ଚନ୍ୟାୟାଳୟର ସମ୍ମତି ନିହାତି ଆବଶ୍ୟକ । ଯଦିଓ ଅପରାଧୀ ଜଣକ ମୃତ୍ୟୁଦଣ୍ଡ ବିରୁଦ୍ଧରେ ଆବେଦନ କରିନଥାଏ ତଥାପି, ରାଷ୍ଟ୍ର ଏ କ୍ଷେତ୍ରରେ ଉଚ୍ଚନ୍ୟାୟାଳୟର ସମ୍ମତି ଲୋଡ଼ିଥାଏ ।

### ୧୫.୨.୨ ଉଚ୍ଚ ନ୍ୟାୟାଳୟକୁ ମାମଲାଗୁଡ଼ିକର ହସ୍ତାନ୍ତର :

ଯଦି ଉଚ୍ଚନ୍ୟାୟାଳୟର ହୃଦବୋଧ ହୁଏ ଯେ, ଅଧସ୍ତନ ନ୍ୟାୟାଳୟରେ ଏଭଳି ଏକ ମକଦ୍ଦମା ବିଚାରାଧୀନ ଅଛି ଯେଉଁଥିରେ ସମ୍ବିଧାନର ବ୍ୟାଖ୍ୟା ଜନିତ ଗୁରୁତପୂର୍ଣ୍ଣ ଆଇନଗତ ପ୍ରଶ୍ନ ଜଡ଼ିତ ଥାଏ, ତେବେ ଉଚ୍ଚନ୍ୟାୟାଳୟ ଚାହିଁଲେ ମକଦ୍ଦମାଟିକୁ ଅଧସ୍ତନ ନ୍ୟାୟାଳୟରୁ ପ୍ରତ୍ୟାହାର କରିପାରିବେ । ଏଭଳି ମାମଲାର ପରୀକ୍ଷା ପରେ ଉଚ୍ଚ ନ୍ୟାୟାଳୟ ଚାହିଁଲେ ନିଜେ ଏହାର ବିଚାର କରିପାରନ୍ତି ନହେଲେ କିଛି ନିର୍ଦ୍ଦେଶନାମା ସହିତ ମାମଲାଟିରେ ବିଚାର ପାଇଁ ତଳ କୋର୍ଟକୁ ମାମଲାଟିକୁ ଫେରାଇଦେଇ ପାରନ୍ତି ।

### ୧୫.୨.୩ ଅଧସ୍ତନ ନ୍ୟାୟାଳୟ ଗୁଡ଼ିକର ତତ୍ତ୍ୱାବଧାନ :

ସମସ୍ତ ନ୍ୟାୟିକ ଓ ପ୍ରଶାସନିକ ବିଷୟ ଉପରେ ଅଧସ୍ତନ ନ୍ୟାୟାଳୟ ଗୁଡ଼ିକ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣ କରିବାର ଅଧିକାର ଉଚ୍ଚନ୍ୟାୟାଳୟର ରହିଛି । ତତ୍ତ୍ୱାବଧାନ କ୍ଷମତା ଅଧୀନରେ ଉଚ୍ଚନ୍ୟାୟାଳୟ ନିମ୍ନ ଅଦାଲତମାନଙ୍କଠାରୁ ବିବରଣୀ ମଗାନ୍ତି; ନିମ୍ନ ଅଦାଲତ ଗୁଡ଼ିକୁ ଶାସନଗତ ଓ ପରିଚାଳନାଗତ ନିର୍ଦ୍ଦେଶ ପଠାନ୍ତି; ଓ ନିମ୍ନ ଅଦାଲତଗୁଡ଼ିକର ହିସାବପତ୍ର ରଖିବାପାଇଁ ବ୍ୟବହୃତ ହୋଇଥିବା ଫର୍ମ ନିର୍ଦ୍ଧାରଣ କରନ୍ତି । ଅଧସ୍ତନ ନ୍ୟାୟାଳୟଗୁଡ଼ିକର କର୍ମଚାରିମାନଙ୍କର ନିଯୁକ୍ତି,ପଦୋନ୍ନତି ଓ ଅନୁପସ୍ଥିତି ପାଇଁ ଆବେଦନ ସଂକ୍ରାନ୍ତରେ ଉଚ୍ଚନ୍ୟାୟାଳୟର ଆଇନ୍ କରିବାର ଅଧିକାର ରହିଛି ।

### ୧୫.୨.୪ ଅଭିଲେଖ ଅଦାଲତ :

ଉଚ୍ଚତମ ନ୍ୟାୟାଳୟଭଳି ଉଚ୍ଚ ନ୍ୟାୟାଳୟ ମଧ୍ୟ ଏକ ଅଭିଲେଖ ଅଦାଲତ ଅଟେ । ଏହାର ନିଷ୍ପତ୍ତି ବା ନିର୍ଦ୍ଦେଶକୁ ନିମ୍ନ ଅଦାଲତ ମାନେ ମାନିବାକୁ ବାଧ୍ୟ । ଉଚ୍ଚ ନ୍ୟାୟାଳୟର ରାୟ ଗୁଡ଼ିକ ଅନ୍ୟ ଅଦାଲତଗୁଡ଼ିକ ଦ୍ୱାରା ପ୍ରମାଣ ବା ସାକ୍ଷୀରୂପେ ଗ୍ରହଣ କରାଯାଏ । ଉଚ୍ଚ ନ୍ୟାୟାଳୟର ମଧ୍ୟ ଅଦାଲତର ଅବମାନନା ବା ଅସମ୍ମାନ ପାଇଁ ଦଣ୍ଡ ବିଧାନ କରିବାର କ୍ଷମତା ରହିଛି ।

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୫.୨

୧। ଯଦି ଓ ଏକ ରାଜ୍ୟ ନୁହେଁ,__________ ର ଏକ ନିଜସ୍ୱ ଉଚ୍ଚ ନ୍ୟାୟଳୟ ରହିଛି ।

୨। ନିମ୍ନ ଅଦାଲତର କେଉଁ ଦଣ୍ଡାଦେଶ ଉଚ୍ଚ ନ୍ୟାୟାଳୟର ବିନା ସମ୍ମତିରେ କାର୍ଯ୍ୟକାରୀ ହୋଇପାରିବ ନାହିଁ ?



Notes



## ୧୫.୩ ଜିଲ୍ଲାସ୍ତରରେ ଥିବା ଅଧସ୍ତନ ବା ନିମ୍ନ ଅଦାଳତ

ଅଧସ୍ତନ ବା ନିମ୍ନ ଅଦାଳତ

| ଦେଓ୍ୱାନୀ ଅଦାଳତ | ଫୌଜଦାରୀ ଅଦାଳତ | ରାଜସ୍ୱ ଅଦାଳତ |
|---|---|---|
| ↓ | ↓ | ↓ |
| ଜିଲ୍ଲା ଜଜ୍ ବା ଜିଲ୍ଲା ଓ ଦୌରାଜଜ | ଦୌରାଜଜ୍ ବା ଜିଲ୍ଲା ଓ ଦୌରାଜଜ୍ | ରାଜସ୍ୱ ବୋର୍ଡ |
| ↓ | ↓ | ↓ |
| ସବଜଜ୍ ପରିବାର ଅଦାଳତ | | କମିଶନର ଜିଲ୍ଲାପାଳ |
| ↓ | | ↓ |
| ମୁନ୍‌ସିଫ | ସହରାଞ୍ଚଳ ମାଜିଷ୍ଟ୍ରେଟ୍ ଅଥବା ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ଦ୍ୱିତୀୟ ଶ୍ରେଣୀ ମାଜିଷ୍ଟ୍ରେଟ୍ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ୍ | ତହସିଲ୍ ଦାର |
| ↓ | | ↓ |
| କ୍ଷୁଦ୍ର ବିବାଦ ଅଦାଳତ | | ନାଏବ ତହସିଲଦାର |

ଭାରତର ପ୍ରତ୍ୟେକ ଜିଲ୍ଲାରେ ବିଭିନ୍ନ ପ୍ରକାରର ଅଧସ୍ତନ ବା ନିମ୍ନ ଅଦାଳତ ଦେଖିବାକୁ ମିଳିଥାଏ । ସେଗୁଡ଼ିକ ହେଲା, ଦେଓ୍ୱାନୀ ଅଦାଳତ, ଫୌଜଦାରୀ ଅଦାଳତ ଓ ରାଜସ୍ୱ ଅଦାଳତ । ଏହି ଅଦାଳତ ଗୁଡ଼ିକ କ୍ରମାନ୍ୱୟରେ ଦେଓ୍ୱାନୀ ମାମଲା, ଫୌଜଦାରୀ ମାମଲା ଓ ରାଜସ୍ୱ ମାମଲା ଗୁଡ଼ିକର ଶୁଣାଣି କରନ୍ତି । ଦେଓ୍ୱାନୀ ମକଦ୍ଦମାଗୁଡ଼ିକ ଦୁଇ ବା ତତୋଧିକ ବ୍ୟକ୍ତିଙ୍କ ମଧ୍ୟରେ ବିଭିନ୍ନ ବିବାଦ ଯଥା ସମ୍ପତ୍ତି, ଚୁକ୍ତି ଖିଲାପ, ଛାଡପତ୍ର ଓ ମାଲିକ- ଲିଜ୍‌ଧାରୀ ବିବାଦଗୁଡ଼ିକୁ ବୁଝାଏ । ଦେଓ୍ୱାନୀ ଅଦାଳତ ଏହି ବିବାଦଗୁଡ଼ିକର ସମାଧାନ କରନ୍ତି । ଯେହେତୁ ଦେଓ୍ୱାନୀ ମାମଲା କ୍ଷେତ୍ରରେ ଆଇନର ଉଲଂଘନ ହୋଇନଥାଏ ସେଥିପାଇଁ ଅଦାଳତ କୌଣସି ଦଣ୍ଡବିଧାନ କରନ୍ତି ନାହିଁ ।

ଫୌଜଦାରୀ ମକଦ୍ଦମାଗୁଡ଼ିକ ସାଧାରଣତଃ ଆଇନ୍‌ର ଉଲଂଘନ ସହିତ ଜଡ଼ିତ । ଏହି ମାମଲା ଗୁଡିକ ହେଲା ଚୋରୀ, ଡକାୟତି, ଧର୍ଷଣ, ପକେଟ୍‌ମାର, ଶାରୀରିକ କ୍ଷତି, ହତ୍ୟା ଇତ୍ୟାଦି । ଏହି ମାମଲାଗୁଡିକ ପୋଲିସ୍ ଦ୍ୱାରା ରାଷ୍ଟ୍ର ତରଫରୁ ଅଭିଯୁକ୍ତ ବିରୁଦ୍ଧରେ ନିମ୍ନ ଅଦାଳତରେ ଦାୟର କରାଯାଏ । ଏ କ୍ଷେତ୍ରରେ ଯଦି ଅଭିଯୁକ୍ତ, ଜଣକ ଦୋଷୀ ସାବ୍ୟସ୍ତ ହୁଏ ତେବେ ତା ପ୍ରତି ବିଭିନ୍ନ ପ୍ରକାରର ଦଣ୍ଡ ବିଧାନ ଯଥା ଜରିମାନା, ଜେଲ୍ କିମ୍ବା ମୃତ୍ୟୁଦଣ୍ଡ ଇତ୍ୟାଦି କରାଯାଏ ।

ରାଜସ୍ୱ ମାମଲାଗୁଡ଼ିକ ମୁଖ୍ୟତଃ ଜିଲ୍ଲାରେ ଥିବା ଚାଷଜମି ଉପରେ ଭୂ-ରାଜସ୍ୱ ସହିତ ଜଡ଼ିତ ।

### ୧୫.୩.୧ ବିଚାରପତିମାନଙ୍କ ଯୋଗ୍ୟତା ଓ ନିଯୁକ୍ତି :

ଅଧସ୍ତନ ନ୍ୟାୟାଳୟର ବିଚାରପତିମାନେ ସେହି ରାଜ୍ୟର ରାଜ୍ୟପାଳଙ୍କ ଦ୍ୱାରା ନିଯୁକ୍ତି ପାଇଥାନ୍ତି ।ଏ କ୍ଷେତ୍ରରେ ରାଜ୍ୟପାଳ ଉକ୍ତ ରାଜ୍ୟର ଥିବା ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ସହିତ ପରାମର୍ଶ କରିଥାନ୍ତି ।




ଆଜିକାଲି ଅଧିକାଂଶ ରାଜ୍ୟରେ ମାଜିଷ୍ଟ୍ରେଟ୍‌ଙ୍କ ସମେତ ନ୍ୟାୟିକ ସେବା ଅଧିକାରୀମାନେ ରାଜ୍ୟ ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ପ୍ରତିଯୋଗିତା ମୂଳକ ପରୀକ୍ଷା ଦ୍ୱାରା ଚୟନ କରାଯାଉଛନ୍ତି । ଶେଷରେ ସେମାନେ ରାଜ୍ୟପାଳଙ୍କ ଦ୍ୱାରା ହିଁ ନିଯୁକ୍ତି ପାଇଥାନ୍ତି ।

ଯେକୌଣସି ବ୍ୟକ୍ତି ଅତି କମ୍‌ରେ ସାତ ବର୍ଷ ଓକିଲାତି କରିଥିବେ କିମ୍ବା ରାଜ୍ୟ ବା କେନ୍ଦ୍ରସରକାରଙ୍କ ଅଧୀନରେ କାର୍ଯ୍ୟ କରିଥିବେ ସେ ହିଁ ଜିଲ୍ଲା ଅଦାଲତରେ ବିଚାରପତି ପାଇଁ ଯୋଗ୍ୟ ବିବେଚିତ ହେବେ । ଯଦି ତାଙ୍କ ପାଖରେ ଆବଶ୍ୟକୀୟ ଆଇନଗତ ଯୋଗ୍ୟତା ଥିବ ।

## ୧୫.୩.୨ ଦେୱାନୀ ଅଦାଲତ :

ଜିଲ୍ଲା ଜଜକୋର୍ଟ ହେଉଛି ଦେୱାନୀ ମାମଲା କ୍ଷେତ୍ରରେ ଜିଲ୍ଲାର ସର୍ବୋଚ୍ଚ ଦେୱାନୀ ଅଦାଲତ । ଅନେକ ସମୟରେ ଏହାକୁ ଜିଲ୍ଲା ଦୌରା ଜଜ୍‌କୋର୍ଟ ବୋଲି ମଧ୍ୟ କୁହାଯାଏ ଯେତେବେଳେ ଏହା ଜିଲ୍ଲାସ୍ତରରେ ଉଭୟ ଦେୱାନୀ ଓ ଫୌଜଦାରୀ ମାମଲା ଜଡ଼ିତ ରହେ । ଏହି ଅଦାଲତର ବିଚାରପତି ରାଜ୍ୟପାଳଙ୍କ ଦ୍ୱାରା ନିଯୁକ୍ତି ପାଇଥାନ୍ତି । ଜିଲ୍ଲାରେ ଥିବା ଜିଲ୍ଲାଜଜ କୋର୍ଟ ତଳେ ଏକ ବା ଏକାଧିକ ସବଜର୍ଜ କୋର୍ଟ ରହିପାରିବ । କେବଳ ପାରିବାରିକ ବିବାଦ, ଛାଡପତ୍ର, ସନ୍ତାନମାନଙ୍କର ରକ୍ଷଣବେକ୍ଷଣ ଇତ୍ୟାଦି ବିଚାର କରିବାପାଇଁ ଜିଲ୍ଲାସ୍ତରରେ ପୃଥକ କରି ପରିବାର କୋର୍ଟଗୁଡ଼ିକ ଗଠନ କରାଯାଇଛି । ଏହି କୋର୍ଟଗୁଡିକ ସବଜଜ କୋର୍ଟର ସମତୁଲ୍ୟ । ଏହି କୋର୍ଟଗୁଡ଼ିକ ତଳେ ମୁନ୍‌ସିଫ୍ କୋର୍ଟ ଓ କ୍ଷୁଦ୍ର ବିବାଦ ଅଦାଲତ ଗୁଡ଼ିକ ଅବସ୍ଥିତ । ଏମାନେ ସ୍ୱଳ୍ପ ରାଶିର ବିବାଦଗୁଡିକ ବିଚାର କରନ୍ତି । କ୍ଷୁଦ୍ର ବିବାଦ ଅଦାଲତ ରାୟ ବିରୁଦ୍ଧରେ କୌଣସି ଆବେଦନ କରାଯାଇପାରିବ ନାହିଁ । ଏଭଳି ସମସ୍ତ ଅଦାଲତ କେବଳ ଦେୱାନୀ ବିବାଦ ଗୁଡିକର ଶୁଣାଣି କରି ସମାଧାନ କରିଥାନ୍ତି ।

ଜିଲ୍ଲା ଜଜ୍‌କୋର୍ଟ କେବଳ ଯେ ସବ୍‌ଜଜ୍ କୋର୍ଟ ରାୟ ବିରୁଦ୍ଧରେ ଆବେଦନ ଶୁଣନ୍ତି ତାହା ନୁହେଁ । କେତେକ କ୍ଷେତ୍ରରେ ଆବେଦନଗୁଡ଼ିକ ସିଧାସଳଖ ଜିଲ୍ଲା ଜଜ୍ କୋର୍ଟରେ ଶୁଣାଣି ହୋଇପାରିବ ।

ଏହି ଅଦାଲତର ରାୟ ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରାଯାଇ ପାରେ ।

ଦେୱାନୀ ଅଦାଲତଗୁଡ଼ିକ ମୁଖ୍ୟତଃ ଦୁଇ ବା ଅଧିକ ବ୍ୟକ୍ତିଙ୍କ ମଧ୍ୟରେ ବିବାଦ ଯଥା, ସମ୍ପତ୍ତି, ଛାଡ଼ପତ୍ର, ଚୁକ୍ତି ଇତ୍ୟାଦି ବିବାଦ ଗୁଡ଼ିକର ସମାଧାନ କରେ ।

## ୧୫.୩.୩ ଫୌଜଦାରୀ ଅଦାଲତ:

ଜିଲ୍ଲା ସ୍ତରରେ ଦୌରା ଜଜ୍‌କୋର୍ଟ ହିଁ ଫୌଜଦାରୀ ମାମଲା ସକ୍ରାନ୍ତରେ ସର୍ବୋକ ଅଦାଲତ ଅଟେ । ଏହି କୋର୍ଟର ନିମ୍ନରେ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟ ଦେଖାଯାଏ ଯଥା-ପ୍ରଥମଶ୍ରେଣୀ, ଦ୍ୱିତୀୟ ଶ୍ରେଣୀ ଓ ତୃତୀୟ ଶ୍ରେଣୀ ମାଜିଷ୍ଟ୍ରେଟ୍ । ଦିଲ୍ଲୀ, କଲିକତା, ମୁମ୍ବାଇ ଓ ଚେନ୍ନେଇ ଭଳି ବୃହତ୍ ସହରାଞ୍ଚଳ ଗୁଡିକରେ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କୁ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ ବୋଲି କୁହାଯାଏ । ଆଇନ ଅନୁଯାୟୀ ଅଭିଯୁକ୍ତଙ୍କୁ ଜେରାକରି ଦଣ୍ଡ ବିଧାନ କରିବାର ସମସ୍ତ ପ୍ରକାର ଅଧିକାର ଏହି ଫୌଜଦାରୀ ଅଦାଲତ ଗୁଡିକର ରହିଛି । ଆଇନ ଉଲ୍ଲଂଘନ ଜଡ଼ିତ ଫୌଜଦାରୀ ମାମଲାଗୁଡିକ ଫୌଜଦାରୀ ଅଦାଲତରେ ବିଚାର ହୋଇଥାଏ । ଏହି ମାମଲା ଗୁଡିକ ହେଲା ଚୋରି, ଡକାୟତି, ଧର୍ଷଣ, ପୋଡାଜଳା, ପକେଟମାର, ଶାରିରୀକ କ୍ଷତି, ହତ୍ୟା ଇତ୍ୟାଦି । ଏହି ମାମଲା ଗୁଡିକର ଦୋଷୀବ୍ୟକ୍ତି ପ୍ରତି ଦଣ୍ଡ ବିଧାନ ହୋଇଥାଏ । ଏଭଳି ଦଣ୍ଡ ଜରିମାନା ଅଥବା ଜେଲ ବା ମୃତ୍ୟୁ ଦଣ୍ଡ ହୋଇପାରେ ।



Notes



ସାଧାରଣତଃ ପ୍ରତ୍ୟକ ଅଭିଯୁକ୍ତଙ୍କୁ ପୋଲିସ୍ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ଉପସ୍ଥାପନ କରେ । ଛୋଟ ଛୋଟ ଅପରାଧଗୁଡ଼ିକୁ ମାଜିଷ୍ଟ୍ରେଟ୍ ତାଙ୍କ ସ୍ତରରେ ଫଇସଲା କରିଥାନ୍ତି । ମାତ୍ର ଗୁରୁତ୍ୱର ଅପରାଧ କ୍ଷେତ୍ରରେ ସେ ଅପରାଧୀକୁ ଜେରା ପାଇଁ ଦୌରା କୋର୍ଟକୁ ପଠାଇ ଥାଆନ୍ତି । ଏହିପରି ଦୌରା କୋର୍ଟ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ପ୍ରେରିତ ଅଭିଯୁକ୍ତ ମାନଙ୍କୁ ଜେରା କରିଥାଏ । ଆଗରୁ କୁହାଯାଇଛି ଯେ ଯେଉଁ ଦୋଷୀକୁ ଦୌରା କୋର୍ଟ ଫାଶୀ ଦଣ୍ଡରେ ଦଣ୍ଡିତ କରିବେ ତଦନୁଯାୟୀ ଉଚ୍ଚ ନ୍ୟାୟାଳୟର ସମ୍ମତିକ୍ରମେ ତାକୁ ଫାଶୀ ଦିଆଯିବ ।

## ୧୫.୩.୪ ରାଜସ୍ୱ ଅଦାଲତ :

ରାଜସ୍ୱ ଅଦାଲତ ରାଜ୍ୟରେ ଭୂ-ରାଜସ୍ୱ ଜନିତ ମକଦ୍ଦମା ଗୁଡ଼ିକର ବିଚାର କରେ । ଜିଲ୍ଲା ସ୍ତରରେ ସର୍ବୋଚ୍ଚ ରାଜସ୍ୱ ଅଦାଲତ ହେଲା ରାଜସ୍ୱ ବୋର୍ଡ । ଏହା ନିମ୍ନରେ କମିଶନର କୋର୍ଟ, ଜିଲ୍ଲାପାଳ, ତହସିଲଦାର ଓ ସହ-ତହସିଲଦାର କାର୍ଯ୍ୟ କରନ୍ତି । ରାଜସ୍ୱ ବୋର୍ଡ଼ ଏହା ନିମ୍ନରେ ଥିବା ସମସ୍ତ ରାଜସ୍ୱ ଅଦାଲତ ବିରୁଦ୍ଧରେ ଆବେଦନର ଶୁଣାଣି କରିଥାଏ ।

**ଭୂ-ରାଜସ୍ୱ :** ଏହା ଏକ ପ୍ରକାର ଚାଷ ଜମି ଉପରେ କର ଯାହାକି ସରକାର କୃଷକ ମାନଙ୍କ ଠାରୁ ସଂଗ୍ରହ କରିଥାନ୍ତି ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୫.୩

୧। ଜିଲ୍ଲା ସ୍ତରରେ ସର୍ବୋଚ୍ଚ ଦେୱାନୀ ଅଦାଲତର ନାମ ଲେଖ ।

୨। ଜିଲ୍ଲା ସ୍ତରରେ ସର୍ବୋଚ୍ଚ ଫୌଜଦାରୀ ଅଦାଲତ କଣ ?

୩। ଶୂନ୍ୟସ୍ଥାନ ପୂରଣ କର

(i) ________ନ୍ୟାୟଳୟର ରାୟ ଉପରେ କୌଣସି ଆବେଦନ କରାଯାଇ ପାରିବନାହିଁ ।

(ii) ଏକ ରାଜ୍ୟରେ ସର୍ବୋଚ୍ଚ ରାଜସ୍ୱ ଅଦାଲତ ହେଲା________ ।

## ତୁମେ କ'ଣ ଶିକ୍ଷା କଲ

ଆମ ନ୍ୟାୟାପାଳିକାର ପ୍ରମୁଖ ବୈଶିଷ୍ଟ୍ୟ ହେଲା, ଏହା ଏକକ ଏକୀକୃତ ଓ ସୁସଂହତ ନ୍ୟାୟିକ ବ୍ୟବସ୍ଥା ଅଟେ ।

ରାଜ୍ୟରେ ଉଚ୍ଚ ନ୍ୟାୟାପାଳିକାର ସର୍ବୋଚ୍ଚ ଅଦାଲତ ଅଟେ । ବିଚାରପତିଙ୍କ ସଂଖ୍ୟା ରାଜ୍ୟବ୍ୟାପି ଭିନ୍ନ ଭିନ୍ନ ରହିଥାଏ । ଉଚ୍ଚ ନ୍ୟାୟାଳୟର ବିଚାରପତିମାନେ ୬୨ ବର୍ଷ ବୟସ ପର୍ଯ୍ୟନ୍ତ ନିଜ ପଦରେ ରହି ଥାଆନ୍ତି । ସଂସଦଠାରୁ ଅନୁମତି ମିଳିଲେ ରାଷ୍ଟ୍ରପତି ସେମାନଙ୍କୁ ପଦରୁ ବହିଷ୍କାର କରିପାରନ୍ତି ।

ଉଚ୍ଚ ନ୍ୟାୟାଳୟର ମୌଳିକ ଓ ଆବେଦନମୂଳକ କ୍ଷମତା ରହିଛି । ଏହା ମୌଳିକ ଅଧିକାରର ରକ୍ଷକ ଅଟେ । ଏହା ମଧ୍ୟ ଏକ ଅଭିଲେଖ ଅଦାଲତ ଅଟେ ଓ ଅଦାଲତର ଅବମାନନା କ୍ଷେତ୍ରରେ ଏହାର ଦଣ୍ଡ ବିଧାନ କରିବାର କ୍ଷମତା ରହିଛି ।

ପ୍ରତ୍ୟକ ଜିଲ୍ଲାରେ ଅଧସ୍ତନ ଦେୱାନୀ, ପରିବାର, ଫୌଜଦାରୀ ଓ ରାଜସ୍ୱ ଅଦାଲତମାନ ରହିଛି । ଏହି ନିମ୍ନ ଅଦାଲତ ରାୟ ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରାଯାଏ ।

## ପାଠ୍ୟାନ୍ତ ଅଭ୍ୟାସ

୧। ଉଚ୍ଚ ନ୍ୟାୟାଳୟର ଗଠନ ବିଷୟରେ ବର୍ଣ୍ଣନା କର ।

୨। ଉଚ୍ଚ ନ୍ୟାୟାଳୟର ଜଣେ ବିଚାରପତିଙ୍କୁ କିପରି ବହିଷ୍କାର କରାଯାଇ ପାରିବ ?

୩। ଉଚ୍ଚ ନ୍ୟାୟାଳୟର ମୌଳିକ କ୍ଷମତା ବିଷୟରେ ବୁଝାଇ ଲେଖ ।

୪। ଉଚ୍ଚ ନ୍ୟାୟାଳୟର ଆବେଦନମୂଳକ କ୍ଷମତା ବିଷୟରେ ବର୍ଣ୍ଣନା କର ।

୫। ଗୋଟିଏ ଜିଲ୍ଲାରେ ଅଧସ୍ତନ ନ୍ୟାୟାଳୟ ଗୁଡ଼ିକ କିପରି ସଂଗଠିତ ହୋଇଥାଏ ।

୬। କେଉଁ ଉପାୟରେ ଦେୱାନୀ ଅଦାଲତର କ୍ଷମତା ଓ କାର୍ଯ୍ୟ ଗୁଡିକ ଫୌଜଦାରୀ ଅଦାଲତ ଠାରୁ ଭିନ୍ନ ?

## ବିଷୟ ଭତ୍ତିକ ପ୍ରଶ୍ନାବଳୀର ଉତ୍ତର

**୧୫.୧**

(i) ୨୧

(ii) ଜିଲ୍ଲା

(iii) ରାଷ୍ଟ୍ରପତି

(iv) ୬୨

**୧୫.୨**

୧। ଦିଲ୍ଲୀ

୨। ମୃତ୍ୟୁ ଦଣ୍ଡ

**୧୫.୩**

୧। ଜିଲ୍ଲା ଜଜ୍ କୋର୍ଟ (ଜିଲ୍ଲା କୋର୍ଟ)

୨। ଦୌରା ଜଜ୍ କୋର୍ଟ (ଦୌରା କୋର୍ଟ)

୩। (i) କ୍ଷୁଦ୍ର ବିବାଦ ଅଦାଲତ

(ii) ରାଜସ୍ୱ ବୋର୍ଡ

### ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା :

୧। ଭାଗ ୧୫.୧.୧ ଦେଖ

୨। ଭାଗ ୧୫୧.୨ ଦେଖ

୩। ଭାଗ ୧୫.୨.୧ ଦେଖ

୪। ଭାଗ ୧୫.୨.୨ ଦେଖ

୫। ଭାଗ ୧୫.୩ ଦେଖ

୬। ଭାଗ ୧୫.୩.୨ ଓ ୧୫.୩.୩ ଦେଖ ।